

ଟିପ୍ପଣୀ

# ୩୧

# ସାସ୍କୃତିକ ସଂପ୍ରେଷଣ

ତୁମେ ଛୋଟ ଥିବା ବେଳେ ତମର ଜେଜେବାପା ଓ ଜେଜେମା ତୁମକୁ ରାଜା ରାଣୀମାନଙ୍କର ଯାଦୁଘଟଣା ବିଷୟରେ, ପଶୁପକ୍ଷୀ ଏବଂ ବହୁ ପୂର୍ବର ଅନ୍ୟନ୍ୟା ଗଳ୍ପ ନିଶ୍ଚୟ ଶୁଣାଇ ଥିବେ । ଏଗୁଡିକରୁ ଅନେକ କାହାଣୀ ରାମାୟଣ ବା ବାଇବେଲ ଭଳି ମହାକାବ୍ୟରୁ ଅଥବା ପଞ୍ଚତନ୍ତ୍ର ବା ଆରବୀଆନ୍ ନାଇଟ୍ସ ଭଳି ଗଳ୍ପମାଳାରୁ ଉଦ୍ଧୃତ ହୋଇଥାଏ । ଉକ୍ତ ଗଳ୍ପଗୁଡିକ ମାଧ୍ୟମରେ ଆମେ ସମସ୍ତେ ଆମ ସାସ୍କୃତିକ ପରମ୍ପରାର ଅନେକ ଆକୃତିକୁ ସାମିଲ କରିଦେଇଥାଉ । ସଂସ୍କୃତିକୁ ବିଭିନ୍ନ ଉପାୟରେ ସଂପ୍ରେଷଣ କରାଯାଇଥାଏ ଯଥା:- ମୌଖିକ, ଓ ଲିଖିତ ରୁପରେ, ସଂଗୀତ ମାଧ୍ୟମରେ ଅଥବା ଆଜିକାଲିର ସିନେମା ଏବଂ ଟେଲିଭିଜିନ ମାଧ୍ୟମରେ ମଧ୍ଯ ।

## ଉଦ୍ଦେଶ୍ୟ ଉକ୍ତ ପାଠରେ ଅଧ୍ୟୟନ ପରେ ତୁମେ:-

- ଭାଷଣ, ଲେଖକ, ଏବଂ ମୁଦ୍ରଣ ସାଂସ୍କୃତିକ ସଂପ୍ରେଷଣରେ କି ପ୍ରକାର ସାହାର୍ଯ୍ୟ କରେ ଏହା ବିଷୟରେ ସମୀକ୍ଷା କରିପାରିବ ।
- ସାଂସ୍କୃତିକ ସଂପ୍ରେଷଣର କି ପଦ୍ଧତିକୁ ସୁଚିବଦ୍ଧ କରିପାରିବ ।
- ବିଭିନ୍ନ ବିଚାରକୁ ସଂପ୍ରେଷିତ କରିବାପାଇଁ ସଂଗୀତର ଉପଯୋଗ ଏବଂ
- ବୌଦ୍ଧ ଧର୍ମର ପ୍ରଚାର ପାଇଁ ବିଭିନ୍ନ ସାଂସ୍କୃତିକ ପଦ୍ଧତିର କି ପ୍ରକାର ବ୍ୟବହାର କରାଯାଏ ।

## ୩୧.୧ ସଂସ୍କୃତିକୁ କିବରି ସଂପ୍ରେଷିତ କରାଯାଏ
## How Culture is Communicated

ତୁମେ ଭାଷା ବ୍ୟତୀତ ପୃଥିବୀକୁ କଳ୍ପନା କରିପାରିବ କି ? ଭାଷା ମାନବ ସମାଜର ମୌଳିକ ବିଶେଷତ୍ୱ । ଏହା କେବଳ ଲୋକମାନେ ପରସ୍ପରକୁ ବୁଝିବାର ଏକ ଉପାୟ ନୁହେଁ ବରଂ ସାଂସ୍କୃତିକ ବିଚାରଧାରାର ସଂପ୍ରେଷଣର ମାଧ୍ୟମ ମଧ୍ୟ ହୋଇଥାଏ । ଗୋଟାଏ ଏକତ୍ର ବ୍ୟବହାର୍ଯ୍ୟ ଭାଷା ଲୋକମାନଙ୍କୁ ଏକତାର ସୁତ୍ରରେ ବାନ୍ଧିଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟକୁ ମଧ୍ୟ ପରିପ୍ରକାଶ କରିଥାଏ । ଉଦାହରଣ ସ୍ୱରୂପ ପଞ୍ଜାବର ଲୋକମାନେ ସେମାନଙ୍କର କଥିତ ପଞ୍ଜାବୀ ଭାଷା କାରଣରୁ ଏକତ୍ରୀତ ହୋଇଛନ୍ତି କିନ୍ତୁ ଏହା ମଧ୍ୟ ସେହି ଲୋକମାନଙ୍କୁ ଅଲଗାକରି ରଖେ ଯାହାର ମାତୃଭାଷା ପଞ୍ଜାବୀ ନୁହେଁ । ତୁମେ ଜାଣିଅଛ କି ପଞ୍ଜାବୀ ମଧ୍ୟ ପାକିସ୍ଥାନର ଦୁଇଟି ସଂଖ୍ୟାଧିକ ଲୋକଙ୍କ ଦ୍ୱାରା ବ୍ୟବହୃତ ଭାଷା ମଧ୍ୟରୁ ଏକ ଅଟେ ?



ଟିପ୍ପଣୀ

| |
|---|
| ଉକ୍ତ ଉପମହାଦେଶରେ ବିଭିନ୍ନ ଦେଶର ଲୋକମାନଙ୍କ ଦ୍ୱାରା ବ୍ୟବହୃତ ଅନ୍ୟ ଏକ ଭାଷା ହେଲା ବଙ୍ଗଳା ଭାଷା । |

ଭାଷା ଏବଂ ସଂସ୍କୃତିର ପ୍ରସାର ଭୌଗଳିକ ପରିସ୍ଥିତି ଦ୍ୱାରା ପ୍ରଭାବିତ ହୋଇଥାଏ । ଆଖ ପାଖରେ ବସବାସ କରୁଥିବା ଲୋକମାନେ ସାଧାରଣତଃ ସମାନ ଅଥବା ସେହି ପ୍ରକାରର ଭାଷାରେ କଥାବର୍ତ୍ତା କରନ୍ତି । ଯେଉଁମାନେ ହଜାର ହଜାର ମାଇଲ ଦୂରରେ ବସବାସ କରନ୍ତି ସେମାନଙ୍କର ମାତୃଭାଷା ଅତ୍ୟନ୍ତ ଅଲଗା ହୋଇଥାଏ । ଏହାର କାରଣ ହେଲା ଯେ ପରିବହନର ଆଧୁନିକ ସାଧନ ବିକଶିତ ହେବା ପୂର୍ବେ ଦୂର ଦୂରାନ୍ତ ଅଞ୍ଚଳ ମଧ୍ୟରେ ସଂପ୍ରେଷଣ କଠିନ ଥିଲା । ସଂସ୍କୃତି ସାଧାରଣତଃ ନିର୍ଜନ ସ୍ଥାନରେ ବିକଶିତ ହୋଇଥାଏ ଏବଂ ସ୍ୱତନ୍ତ୍ରତାର ପରିସ୍ଫୁଟରେ ଅନ୍ତ ହୋଇଥାଏ । ଘନ ଜଙ୍ଗଲ ତଥା ପାହାଡ଼ିଆ ଅଞ୍ଚଳ ଗୁଡ଼ିକରେ ଏବେ ବି ସଂପ୍ରେଷଣ ବହୁତ ଅସମ୍ଭବ ହୋଇଅଛି । ପାହାଡ଼ର ଗୋଟାଏ ପଟରେ ରହୁଥିବା ଜନଜାତିର ଲୋକେ ତା'ର ଅଳ୍ପ କିଛି କିଲୋମିଟର ଦୂରରେ ପାହାଡ଼ର ଅନ୍ୟ ପଟରେ ଥିବା ଲୋକଙ୍କ ବିଷୟରେ ହୁଏତ ପଢ଼ା ମଧ୍ୟ ଜଣା ନଥିବ । ଏଥିପାଇଁ ସେମାନେ କହୁଥିବା ଭାଷା ଅନେକ ଭିନ୍ନ ହୋଇଥାଏ ।

କିନ୍ତୁ ଉତ୍ତର ପ୍ରଦେଶ ଏବଂ ବିହାର ଭଳି ଅଞ୍ଚଳରେ ଯେଉଁଠାରେ ବିସ୍ତୀର୍ଣ୍ଣ ସ୍ଥଳ ଭାଗ ଗୁଡ଼ିକ ନଦୀମାନଙ୍କ ଦ୍ୱାରା ସଂଯୋଗିତ ହୋଇଅଛି ସେଠାରେ ଲୋକମାନେ ପ୍ରାଚୀନ କାଳରେ ମଧ୍ୟ ସୁରୁଖୁରୁରେ ଯିବା ଆସିବା କରି ପାରୁଥିଲେ । ସେଥିପାଇଁ ସେମାନଙ୍କ ପରସ୍ପର ସମ୍ପର୍କ ଦ୍ୱାରା ସେ ଅଞ୍ଚଳରେ ପ୍ରାୟ ଏକ ପ୍ରକାର ଭାଷା ଏବଂ ରୀତି ନୀତି ବିକଶିତ ହୋଇଥିଲା ।

ଏପରିକି ଯେଉଁଠାରେ ଏକ ବିସ୍ତୀର୍ଣ୍ଣ ଅଞ୍ଚଳରେ ହିନ୍ଦି ବା ତାମିଲ ଭଳି ଏକ ଭାଷା ବ୍ୟବହାର କରାଯାଏ ସେଠାରେ ମଧ୍ୟ ଏକ ଜିଲ୍ଲାରୁ ଅନ୍ୟ ଜିଲ୍ଲାରେ ଉକ୍ତ ଭାଷାର ଭିନ୍ନ ରୂପ ଦେଖିବାକୁ ମିଳେ । ଏଗୁଡ଼ିକ ମଧ୍ୟରୁ କୌଣସି ଗୋଟାଏରେ ମଧ୍ୟ ଏତେ ଅଧିକ ପ୍ରଭେଦ ନଥାଏ ଯାହାକୁ କି ଏକ ଅଲଗା ଭାଷା କହି ହେବ ତେଣୁ ଏଗୁଡ଼ିକ ଉକ୍ତ ଭାଷାର ଉପଭାଷା (dialect)କୁହାଯାଏ ।

କଥିତ ଭାଷା ସଂପ୍ରେଷଣର ସବୁଠାରୁ ମହତ୍ୱପୂର୍ଣ୍ଣ ଉପାୟ ବୋଲି ପୂର୍ବରୁ ପରିଗଣିତ ହେଉଥିଲା ଏବଂ ଏବେ ମଧ୍ୟ ହେଉଅଛି । କିନ୍ତୁ ଲିଖନ ପ୍ରଣାଳୀର ଉଦ୍‌ଭାବନ ସଂପ୍ରସାରଣର ବ୍ୟାପକତାରେ ବୃଦ୍ଧି ଘଟାଇଅଛି । ବାର୍ତ୍ତା ଏବେ ଦୂର ଦୂରାନ୍ତକୁ ପଠାଯାଇ ପାରୁଛି ଏବଂ ଏହାକୁ ଅନେକ ଦିନ ପର୍ଯ୍ୟନ୍ତ ସୁରକ୍ଷିତ କରି ରଖାଯାଇ ପାରୁଅଛି ।

ପ୍ରାୟ ୪୦୦୦ ବର୍ଷ ପୂର୍ବରୁ ଭାରତୀୟମାନଙ୍କୁ ଲିଖନ ପ୍ରକ୍ରିୟା ଜଣାଥିଲା । ଏହା ହରପ୍ପାର ଲିପି ଅଟେ ଯାହାକୁ ଏ ପର୍ଯ୍ୟନ୍ତ ପଢ଼ାଯାଇ ପାରି ନାହିଁ । ଖ୍ରୀ:ପୂ:୧୮୦୦ର ପାଖାପାଖି ସମୟରେ ହରପ୍ପା ସଭ୍ୟତାର ପତନ ସହିତ ଉକ୍ତ ଲିପି ମଧ୍ୟ ଅନ୍ତ ହୋଇଥିଲା । ପୁଣି ପ୍ରାୟ ଖ୍ରୀ:ପୂ: ତୃତୀୟ ଶତାବ୍ଦୀ ବେଳକୁ ଲିଖନ ପ୍ରଣାଳୀର ଆବିର୍ଭାବ ହୋଇଥିଲା । ବ୍ରାହ୍ମୀ ନାମକ ଉକ୍ତ ଲିପିକୁ ସମସ୍ତ ଆଧୁନିକ ଭାରତୀୟ ଲିପିମାନଙ୍କର ଜନନୀ ବୋଲି ସ୍ୱୀକାର କରାଯାଏ ।

ପ୍ରାରମ୍ଭରେ ଶାସକ ତଥା ବିତ୍ତଶାଳୀ ଲୋକମାନେ ମହତ୍ୱପୂର୍ଣ୍ଣ ପ୍ରାମାଣ୍ୟ ଦଲିଲଗୁଡ଼ିକୁ ସାଧାରଣତଃ ପାହାଡ଼, ପଥର ତଥା ତାମ୍ର ଫଳକରେ ଖୋଦିତ କରୁଥିଲେ । ଲେଖିବା ପାଇଁ ଲୁଗା, ଚମଡ଼ା, ଗଛର ଛାଲି ଯାହାକୁ ଭୂର୍ଜପତ୍ର କୁହାଯାଏ ତଥା ତାଳପତ୍ର କୁହାଯାଉଥିବା ତାଳ ଗଛର ପତ୍ରକୁ ବ୍ୟବହାର କରାଯାଉଥିଲା ।







ପ୍ରାରମ୍ଭିକ ସମୟରେ ତୁମ୍ଭର ବିଚାରରେ କି ପ୍ରକାର ପୁସ୍ତକ ପ୍ରଚଳିତ ଥିଲା । ସେତେବେଳେ ଧାର୍ମିକ ପୁସ୍ତକଗୁଡ଼ିକ ଥିଲା ଯାହାକି ପୁରୋହିତ ମାନଙ୍କ ଦ୍ୱାରା ବ୍ୟବହୃତ ହେଉଥିଲା । ଶାସ୍ତ୍ର କୁହାଯାଉଥିବା ଆଇନକାନୁନ ଉପରେ ପର୍ଯ୍ୟବେଶିତ ପୁସ୍ତକଗୁଡ଼ିକ ରାଜା ତଥା ମନ୍ତ୍ରୀମାନଙ୍କ ବ୍ୟବହାର ପାଇଁ ଲେଖା ଯାଇଥିଲା । ବିତ୍ତଶାଳୀ ଲୋକଙ୍କ ମନୋରଞ୍ଜନ ପାଇଁ ନାଟକ ଏବଂ କାବ୍ୟର ରଚନା କରାଯାଇଥିଲା । ଏଥିରୁ ସ୍ପଷ୍ଟ ଜଣାଯାଏ ଯେ ଅଧିକାଂଶ ବହିଗୁଡ଼ିକ କେବଳ ଅଳ୍ପ ସଂଖ୍ୟକ ସୁବିଧାବାଦୀ ଗୋଷ୍ଠୀର ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ।

ଯାହାହେଉ ଏଗୁଡ଼ିକ ସହିତ ମଧ୍ୟ ମହାଭାରତ (ଯାହା ବିଷୟରେ ପାଠ-୩୦ରେ ତୁମ୍ଭେ ପଢ଼ିଅଛ) ଭଳି ମହାକାବ୍ୟ, ଜାତକ ଓ ହିତୋପଦେଶ ଭଳି ଲୋକପ୍ରିୟ ଗପଗୁଡ଼ିକର ସଙ୍କଳନ ଏବଂ ବହୁସଂଖ୍ୟକ ପୁରାଣ ବର୍ଣ୍ଣିତ ପୌରାଣିକ ଗଳ୍ପ ଇତ୍ୟାଦି ସାମିଲ ଥିଲା । ସେଗୁଡ଼ିକୁ କଥା-ବାଚକ (storey tellers) ଭାଟ ବା ସ୍ତୁତି ପାଠକ (bard) ଏବଂ ସ୍ଥାନୀୟ ମନ୍ଦିରର ପୁରୋହିତମାନଙ୍କ ଦ୍ୱାରା ମୌଖିକ ରୂପେ ସଂପ୍ରେଷିତ କରାଯାଉଥିଲା । କାହାଣୀ ଶୁଣାଇବା ବେଳେ ସମୟର ଗତି ସହିତ ଏଗୁଡ଼ିକରେ ଅନେକ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା । ଏଥିପାଇଁ ଆଜିକାଲି ଆମର ଲୋକପ୍ରିୟ ଉପାଖ୍ୟାନଗୁଡ଼ିକର ଅନେକ ପ୍ରକରଣ ଦେଖିବାକୁ ମିଳେ । ଯଦିଓ ଅଳ୍ପ ସଂଖ୍ୟକ ଲୋକ ଲେଖାପଢ଼ାରେ ପାରଙ୍ଗମ ତଥାପି ପୁସ୍ତକଗୁଡ଼ିକ ଅନେକ ଲୋକଙ୍କ ଜୀବନକୁ ସ୍ପର୍ଶ କରୁଅଛି ।

ପ୍ରତି ପୁସ୍ତକର ପ୍ରତିଲିପିକୁ ହାତରେ ପ୍ରସ୍ତୁତ କରିବାକୁ ପଡୁଥିଲା । ଉକ୍ତ ହସ୍ତ ଲିଖିତ ପୁସ୍ତକକୁ ପାଣ୍ଡୁଲିପି କୁହାଯାଏ । ମଧ୍ୟ ଯୁଗରେ ପାଣ୍ଡୁଲିପି ଲିଖନ ଏକ ବିଶିଷ୍ଟ କଳାର ଆଖ୍ୟା ପାଇଥିଲା । ଲିପିକାରମାନେ ସୁନ୍ଦର ହସ୍ତାକ୍ଷରର ପ୍ରୟୋଗ କରୁଥିଲେ ଯାହାକୁ ହସ୍ତାକ୍ଷର (Coligraphy) କୁହାଯାଉଥିଲା । ଏହାର ପୃଷ୍ଠାଗୁଡ଼ିକୁ ସୁନ୍ଦର ଚିତ୍ରରେ ସଜା ଯାଉଥିଲା । ପାଣ୍ଡୁଲିପିର ପ୍ରତିଲିପି ପ୍ରସ୍ତୁତ କରିବା ଏକ କଷ୍ଟସାଧ ପ୍ରକ୍ରିୟା । ଏଣୁ ବହୁତ କମ୍ ପ୍ରତିଲିପି ତିଆରି କରାଯାଇଥିଲା ।

ଷୋଡ଼ଶ ଶତାବ୍ଦୀରେ ମୁଦ୍ରଣର ଆରମ୍ଭ ହୋଇଥିଲା । ବର୍ତ୍ତମାନ କମ୍ ସମୟରେ ଏବଂ କମ୍ ଖର୍ଚ୍ଚରେ ବହୁତ ସଂଖ୍ୟାରେ ତିଆରି କରାଯାଇପାରିଲା । ବହୁ କମ୍ ସଂଖ୍ୟକ ଲୋକ ସ୍ୱାକ୍ଷର ଥିବାରୁ ଏହାର ତତ୍କାଳିକ ପ୍ରଭାବ ମଧ୍ୟ ସୀମିତ ଥିଲା । ଊନବିଂଶ ଶତାବ୍ଦୀରେ ଏକ ବ୍ୟାପକ ନାଟକୀୟ ପରିବର୍ତ୍ତନ ଦେଖା ଦେଇଥିଲା ଯେତେବେଳେ ଜାତୀୟତାବାଦୀ ଏବଂ ସମାଜ ସଂସ୍କାରକମାନେ ଛାପାଖାନା ଏବଂ ମୁଦ୍ରଣ-ପ୍ରୋଦ୍ୟୋଗର ଭରପୂର ବ୍ୟବହାର କରିଥିଲେ ।

ଭାରତରେ ପ୍ରଥମ ସମ୍ବାଦପତ୍ର ୧୭୬୦ ଶତାବ୍ଦୀରେ ଇଷ୍ଟ ଇଣ୍ଡିଆ କମ୍ପାନୀର ଜଣେ ଅଧିକାରୀଙ୍କ ଦ୍ୱାରା ଇଂରାଜୀରେ ପ୍ରକାଶିତ ହୋଇଥିଲା । ଏହା ପରେ ଅନେକ ଲୋକ ଏହି କାମରେ ନିୟୋଜିତ ହୋଇ ବହୁସଂଖ୍ୟକ ସମ୍ବାଦ ପତ୍ର ବାହାରିଥିଲା । ଉକ୍ତ ସମ୍ବାଦ ପତ୍ରଗୁଡ଼ିକ ଭାରତରେ ଥିବା ଇଂରେଜମାନଙ୍କ ପାଇଁ ୟୁରୋପ ବିଷୟରେ ସମ୍ବାଦ ପରିବେଶଣ କରୁଥିଲେ ।

ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଅନେକ ସମ୍ବାଦ ପତ୍ର ବିଭିନ୍ନ ମାତୃଭାଷାରେ ପ୍ରକାଶିତ ହେବା ଆରମ୍ଭ ହୋଇଥିଲା । ଜାତୀୟ ହିତ ପାଇଁ ଏଗୁଡ଼ିକ ଜାତୀୟତାବାଦିମାନଙ୍କ ଦ୍ୱାରା ପ୍ରକାଶିତ କରାଯାଉଥିଲା । ସମାଚାର ଏବଂ ମତାମତ କେବଳ ଶିକ୍ଷିତ ଗୋଷ୍ଠୀ ପାଇଁ ନୁହେଁ ବରଂ ତାଙ୍କ ମାଧ୍ୟମରେ ଅନ୍ୟାନ୍ୟ ଅନେକ ଲୋକଙ୍କ ପାଖକୁ ପହଞ୍ଚା ଯାଉଥିଲା । ଅନେକ ଚିନ୍ତାଶୀଳ ଲୋକଙ୍କ ଦୃଷ୍ଟିଗୋଚରରେ ଏହା ଆସିଥିଲା ଯେ ପର୍ଯ୍ୟନ୍ତ ଆମ ସମାଜରୁ ପରମ୍ପରାଗତ



ଟିପ୍ପଣୀ

କୁସଂସ୍କାରଗୁଡ଼ିକୁ ଲୋପ କରା ନ ଯାଇଛି ସେ ପର୍ଯ୍ୟନ୍ତ ଆମେ ଭାରତ ଉପରୁ ବ୍ରିଟିଶ ଅଧିକାରକୁ ପରିସମାପ୍ତି କରିପାରିବା ନାହିଁ । ଉକ୍ତ ସଂସ୍କାରକମାନେ ଜନମତ ସୃଷ୍ଟି କରିବା ପାଇଁ ସିଧା ସଳଖ ଭାବେ କେବଳ ଅଭିଯାନ ଚଳାଇ ନଥିଲେ ବରଂ ଛପାଖାନାର ବ୍ୟବହାର ମଧ୍ୟ କରିଥିଲେ । ବଙ୍ଗଳାର ରାଜା ରାମମୋହନ ରାୟ ଏଭଳି ଏକ ସଂସ୍କାରକ ଥିଲେ ।

୧୮୨୧ରେ ରାଜା ରାମମୋହନ ରାୟ ବଙ୍ଗଳା ଭାଷାରେ "ସମାଚାର କୌମୁଦି" ନାମକ ଏକ ସମ୍ବାଦପତ୍ରର ଏବଂ ୧୮୨୨ରେ ପାରସୀକ ଭାଷାରେ "ମିରଟ୍-ଉଲ୍-ଆଖବର" ତଥା ଇଂରାଜୀରେ "ବ୍ରାହ୍ମନିକାଲ ମେଗାଜୀନ"ର ପ୍ରକାଶନ ଆରମ୍ଭ କରିଥିଲେ । ଉକ୍ତ ସମାଚାର ପତ୍ର ମାଧ୍ୟମରେ ସେ ସ୍ତ୍ରୀ-ଶିକ୍ଷା ଏବଂ ବିଧବା-ବିବାହର ସପକ୍ଷରେ ପ୍ରଚାର କରିବା ସହିତ ସତୀଦାହ ପ୍ରଥା ତଥା ଜାତିପ୍ରଥା ଭଳି କୁସଂସ୍କାର ବିରୁଦ୍ଧରେ ରଣ ହୁଙ୍କାର ଦେଇଥିଲେ । ତାଙ୍କ ଦୃଷ୍ଟିରେ ଥିବା ଏକ ଆଦର୍ଶ ସମାଜର କଳ୍ପନାକୁ ରେଖାଙ୍କିତ କରିବା ପାଇଁ ସେ ଅନେକ ପ୍ରଚାର ପତ୍ରର ମୁଦ୍ରଣ କରିଥିଲେ । ଏଗୁଡ଼ିକ ବିଶ୍ୱର ପ୍ରମୁଖ ଧର୍ମଗୁଡ଼ିକର ସର୍ବୋତ୍ତମ ଶିକ୍ଷା ଉପରେ ଆଧାରିତ ହୋଇଥିଲା । ସେ ବ୍ରହ୍ମ ସମାଜ ନାମକ ଏକ ସମ୍ପ୍ରଦାୟର ସୃଷ୍ଟି କରିଥିଲେ ଯେଉଁଥିରେ କି ବଙ୍ଗଳାର ଅନେକ ଶିକ୍ଷିତ ଏବଂ ପ୍ରଗତିଶୀଳ ଲୋକମାନେ ଯୋଗଦାନ କରିଥିଲେ । ଛାପାଖାନାର ଉପଲବ୍ଧ ହେତୁ ରାମମୋହନଙ୍କ ଚିନ୍ତାଧାରା ଏକ ବିଶାଳ ଜନସମୁଦ୍ର ପାଖରେ ପହଞ୍ଚି ପାରିଥିଲା । ଛପାଖାନାର ପ୍ରଭାବଶାଳୀ ଶକ୍ତି ଉପରେ ତୁମେ ଉକ୍ତ ଘଟଣାରୁ ଅନୁମାନ କରିପାରିବ ଯେ ସେ ସମୟରେ ସମାଜ ସଂସ୍କାରରେ ତାଙ୍କର ଚିନ୍ତାଧାରାକୁ ବିରୋଧ କରିବା ପାଇଁ ୧୮୨୨ ଖ୍ରୀ:ରେ ଏକ ପ୍ରତିଦ୍ୱନ୍ଦୀ ଖବର କାଗଜ "ଚନ୍ଦ୍ରିକା"ନାମରେ ପ୍ରକାଶିତ ହୋଇଥିଲା ।

ଏହି ପ୍ରକାର ଆମ୍ଭେ ଦେଖିଲୁଁ ଯେ ସମ୍ବାଦ ପତ୍ର ଓ ପତ୍ରିକାଗୁଡ଼ିକ କେବଳ ପୃଥିବୀରେ ଘଟି ଯାଉଥିବା ଘଟଣାଗୁଡ଼ିକ ବିଷୟରେ ସୂଚନା ଦେବା ବ୍ୟତୀତ ଆମ ଚିନ୍ତାଧାରାକୁ ମଧ୍ୟ ବିକଶିତ କରିଥାଏ । ଚିନ୍ତାଧାରା ଏବଂ ମତାମତର ଆଦାନ ପ୍ରଦାନ ମୁଖ୍ୟତଃ ବହୁ ପ୍ରାଚୀନ କାଳରୁ ହୋଇ ଆସୁଅଛି । ଭାବର ଆଦାନ ପ୍ରଦାନର ଆଧୁନିକ ପଦ୍ଧତିରେ ଏହା ସ୍ପଷ୍ଟ ଭାବରେ ବିଦ୍ୟମାନ ଯେ ଚିନ୍ତାଧାରାର ସଂପ୍ରେଷଣ ଏକ ତରଫା ପ୍ରକ୍ରିୟା । ଯେତେବେଳେ ଜଣେ ସମ୍ବାଦପତ୍ରର ମାଲିକ ନିଜ ପାଠକମାନଙ୍କ ବିଚାର ଧାରାକୁ ପ୍ରଭାବିତ କରିପାରିବା ସ୍ଥଳେ ସେହି ପାଠକମାନେ ନିଜ ନିଜର ବିଚାରଧାରାକୁ ସେଭଳି ପ୍ରଭାବିତ କରି ପାରୁ ନାହାନ୍ତି । ଏଠାରେ ତୁମେ ବିଶ୍ୱବ୍ୟାପ୍ତି ସହିତ ଏହାର ସମାନତା ଦେଖି ପାରୁଛ ତ ଯାହା ବିଷୟରେ ତୁମେ ପାଠ ସଂଖ୍ୟା ୨୯ରେ ପଢ଼ିଅଛ ।

## ୩୧.୧ ପାଠଗତ ପ୍ରଶ୍ନ

୧. କେଉଁ ଲିପିଠାରୁ ଅଧିକାଂଶ ଆଧୁନିକ ଭାରତୀୟ ଲିପିର ସୃଷ୍ଟି ହୋଇଅଛି ?

..........................................................................................

୨. ପ୍ରାରମ୍ଭିକ ସମୟରେ ଲେଖା ଯାଇଥିବା ଦୁଇ ପ୍ରକାର ପୁସ୍ତକର ନାମ ଉଲ୍ଲେଖ କର ।

..........................................................................................

୩. ପାଣ୍ଡୁଲିପିର ଉତ୍ପାଦନ କାହିଁକି ବ୍ୟୟବହୁଳ ଅଟେ ?

..........................................................................................







୪. ଠିକ୍ ବା ଭୁଲ ଚିହ୍ନିତ କର ।

(କ) ଭାଷା ସଂପ୍ରେଷଣର ସାଧନ ନୁହେଁ ।

(ଖ) ହିତପୋଦେଶ ଗଳ୍ପମାନଙ୍କର ଏକ ସମାହାର ଅଟେ ।

(ଗ) ରାମମୋହନ ହେଉଛନ୍ତି ୧୯ ଶତାବ୍ଦୀର ଏକମାତ୍ର ସଂସ୍କାରକ ଯିଏ ଛାପାଖାନାର ଉପଯୋଗ କରିଥିଲେ

(ଘ) ଲେଖା ଅନେକ ଦୂରକୁ ସଂପ୍ରେଷଣ କରିବା ପାଇଁ ସମ୍ଭବ କରିଅଛି ।

## ୩୧.୨ ସଂସ୍କୃତିର ବାହକ ହିସାବରେ ସଙ୍ଗୀତ Music as a vehicle of culture

ସଂସ୍କୃତିର ପ୍ରାରମ୍ଭିକ ଅଭିବ୍ୟକ୍ତିରେ ସଂଗୀତ ଏବଂ ନୃତ୍ୟ ଅନ୍ତର୍ଭୁକ୍ତ । ଗୀତ ଓ ସଂଗୀତ ସହିତ ତାଳ ଦେବାପାଇଁ ପ୍ରାରମ୍ଭିକ ମନୁଷ୍ୟମାନେ ତାଳିବଜାଉ ଥିଲେ ଅଥବା ତାଳ ମିଳାଇବା ପାଇଁ ବାଡି ସାହାଯ୍ୟରେ ଭୂମିକୁ ପିଟୁଥିଲେ । କାଳକ୍ରମେ ଅନେକ ପ୍ରକାର ଢୋଲ ଏବଂ ବାଦ୍ୟଯନ୍ତ୍ର ବ୍ୟବହାରରେ ଲାଗିଲା । ଗୁଜୁରାଟର ଗରବା, କେରଳର କଥାକଳୀ, ଏବଂ ପଞ୍ଜାବର ଗିଦ୍‌ଦା ଓ ଭାଙ୍ଗଡା ଆଦି ଲୋକନୃତ୍ୟର ଉଦାହରଣ ଅଟେ । ଏହି ନୃତ୍ୟକୁ ପର୍ବପବାଣୀ ପାଳନକରିବା ସମୟରେ, ବିଭିନ୍ନ ଉତ୍ସବ ତଥା ସମାରୋହର ଆୟୋଜନ ସମୟରେ ଏବଂ ବିଭିନ୍ନ ପ୍ରକାରର ଆବେଗ / ଭାବକୁ ପରିପ୍ରକାଶ କରିବାପାଇଁ ତଥା ସମୟ ସମୟରେ ବିରୁଦ୍ଧାଭାସ ପ୍ରକାଶର ଏକ ମାଧ୍ୟମ ହିସାବରେ ମଧ୍ୟ ଉପଯୋଗ କରାଯାଏ ।

ଲୋକ ଗୀତରେ ବସନ୍ତ, ବର୍ଷାର ଆଗମନ, ଅଥବା କ୍ଷେତରେ ଶସ୍ୟ ପାଚିବା ଉତ୍ସବ ଆଦି ପାଳନ କରାଯାଏ, ଯେଉଁଗୁଡ଼ିକ ବି ଆମ କୃଷି ଋତୁ ଚକ୍ର ଉପରେ କେନ୍ଦ୍ରିଭୂତ । ରାଜମିସ୍ତ୍ରୀ ଏବଂ କୁମ୍ଭାରମାନଙ୍କର ମଧ୍ୟ ଗୀତ ରହିଅଛି । ନିର୍ମାଣ କାର୍ଯ୍ୟରେ ଲିପ୍ତ ଶ୍ରମିକମାନେ କୌଣସି ଭାରୀ ବସ୍ତୁ ଦଳ ହୋଇ ଉଠାଇବା ସମୟରେ ଗୀତ ଗାଉଥିବାର ତମେ ଦେଖିଥିବ । ଏ ଗୀତଗୁଡ଼ିକ ସେମାନଙ୍କର କାମ ସମ୍ବନ୍ଧୀୟ ହୋଇଥାଏ ।

ସ୍ତ୍ରୀମାନଙ୍କ ଦ୍ୱାରା ତଥା ନାରୀ ବିଷୟରେ ଅନେକ ଗୀତ ଦେଖିବାକୁ ମିଳେ । ଏହା ସାଧାରଣତଃ ପ୍ରେମିକର ଅନୁପସ୍ଥିତରେ ପ୍ରେମିକାର ବିରହ ବେଦନା, ଝିଅ ବିବାହ ପରେ ଶ୍ୱଶୁର ଘରକୁ ଯିବା ସମୟରେ ଦୁଃଖ ତଥା ଶାଶୁ ବୋହୂ ମଧ୍ୟରେ ଝଗଡ଼ା ଉପରେ ଆଧାରିତ ହୋଇଥାଏ ।

ଲୋକ ସଙ୍ଗୀତ ସ୍ୱଭାବତଃ ସହଭାଗିତା ଉପରେ ପର୍ଯ୍ୟବେଶିତ । ଏହା ଲୋକମାନଙ୍କର ଅନୁଭୂତି ସହିତ ବିକଶିତ ହୋଇଥାଏ । ତେଣୁ ଲୋକକଳା ବିଷୟରେ ଏହା କୁହାଯାଏ ଯେ ଏହାର ଉପଯୋଗ ଏହାର ଜନ୍ମଦାତାମାନଙ୍କ ଦ୍ୱାରା କରାଯାଇଥାଏ ।

ତୁମେ ଶାସ୍ତ୍ରୀୟ ସଂସ୍କୃତି ବିଷୟରେ ପାଠ ସଂଖ୍ୟା ୨୯ରେ ପଢ଼ିଛ । ଶାସ୍ତ୍ରୀୟ ସଙ୍ଗୀତ, ସଙ୍ଗୀତର ଏକ ଅତି ବିକସିତ ରୂପ ଅଟେ କାରଣ ଏହା ନିର୍ଦ୍ଦିଷ୍ଟ ନିୟମ ଉପରେ ପର୍ଯ୍ୟବେଶିତ ହୋଇଅଛି । ଏହାକୁ ସଙ୍ଗୀତର ବ୍ୟାକରଣ କୁହାଯାଏ । ଏହାକୁ ଗାଇବା ତଥା ବଜାଇବା (ବାଦ୍ୟ ଯନ୍ତ୍ରକୁ) ପାଇଁ ଲମ୍ବା ସମୟ ପର୍ଯ୍ୟନ୍ତ ସଘନ ପ୍ରଶିକ୍ଷଣର ଆବଶ୍ୟକତା ଥାଏ । କିନ୍ତୁ ଏହାକୁ ଶୁଣି ଯେ କୌଣସି ଲୋକ ଖୁବ୍ ଆନନ୍ଦିତ ହୋଇଥାଆନ୍ତି । ବାସ୍ତବରେ ସିନେମା ଏବଂ ଲୋକଗୀତଗୁଡ଼ିକର



ଟିପ୍ପଣୀ

ଅନେକ ସ୍ୱର ମାଧୁର୍ଯ୍ୟ ଶାସ୍ତ୍ରୀୟ ରାଗ ଅଥବା ଏହାର ସରଳୀକୃତ ରୂପ ଉପରେ ପର୍ଯ୍ୟବେଶିତ ।ଶତାବ୍ଦୀ ଧରି ଶାସ୍ତ୍ରୀୟ ତଥା ଲୋକ ସଙ୍ଗୀତ ଦ୍ୱୟ ମଧ୍ୟରେ ସଂଯୁକ୍ତ ହୋଇ କାର୍ଯ୍ୟକରିବା ଦ୍ୱାରା ପରସ୍ପର ପରସ୍ପରକୁ ସମୃଦ୍ଧ କରିପାରିଥିଲା । ଏହା ଦ୍ୱାରା ସମୟ ସମୟରେ ଏମାନଙ୍କ ମଧ୍ୟରେ ଏକ ବିଭାଜନ ରେଖାପାତ କରିବା ଅସମ୍ଭବ ହୋଇ ପଡ଼ିଥିଲା ।

| |
|---|
| ଶାସ୍ତ୍ରୀୟ ସଙ୍ଗୀତକୁ ପ୍ରଥମେ ରାଜାମାନେ ପୃଷ୍ଠପୋଷକତା ପ୍ରଦାନ କରୁଥିଲେ । କିମ୍ବଦନ୍ତୀ ପୁରୁଷ ସଙ୍ଗୀତକାର ତାନ୍‌ସେନ୍ ମୋଗଲ ସମ୍ରାଟ ଆକବରଙ୍କ ନବରତ୍ନ ମଧ୍ୟରୁ ଅନ୍ୟତମ ଥିଲେ । ଆଜିକାଲି ବ୍ୟବସାୟିକ ପରିବାର ଏବଂ ରାଷ୍ଟ୍ରୀୟ ତଥା ଅନ୍ତଃରାଷ୍ଟ୍ରୀୟ ସାଂସ୍କୃତିକ ସଂଗଠନ ଶାସ୍ତ୍ରୀୟ ସଙ୍ଗୀତକୁ ପୃଷ୍ଠପୋଷକ ପ୍ରଦାନ କରୁ ଅଛନ୍ତି । |

ଉକ୍ତ ଦୁଇ ପ୍ରକାର ସଙ୍ଗୀତ ସହିତ ଜଡ଼ିତ ସଙ୍ଗୀତ ଧର୍ମ ଉଦ୍ଦେଶ୍ୟରେ ବ୍ୟବହୃତ ହୁଏ । ବାସ୍ତବରେ ଅନେକ ଲୋକ ଏବଂ ଶାସ୍ତ୍ରୀୟ ଗୀତ ଧାର୍ମିକ ବିଷୟବସ୍ତୁ ଉପରେ ଆଧାରିତ ହୋଇଅଛି ।

ଭାରତରେ ଧାର୍ମିକ ସଙ୍ଗୀତର ସର୍ବ ପ୍ରଥମ ଉଦାହରଣ ସାମବେଦରେ ଦେଖିବାକୁ ମିଳେ । ଉକ୍ତ ୩୦୦୦ ବର୍ଷ ପୁରୁଣା ଗ୍ରନ୍ଥରେ ବଳୀ ଦେବା ସମୟରେ ସଙ୍ଗୀତ ସହିତ ତାଳ ଦେଇ ବୈଦିକ ସ୍ତୋତ୍ରକୁ ଆବୃତ୍ତି କରିବା ପ୍ରଥା ବେଦର ଅନ୍ତର୍ଭୁକ୍ତ ।

ମଧ୍ୟକାଳରୁ ଭକ୍ତି ତଥା ସୁଫି ସନ୍ଥମାନଙ୍କ ଲିଖିତ କବିତା ଗୁଡ଼ିକ ତାଙ୍କର ଅନୁଗାମୀ ତଥା ଉପାସକମାନଙ୍କ ଦ୍ୱାରା ଗାନ କରାଯାଉଥିଲା । ଉକ୍ତ ଗୀତଗୁଡ଼ିକ ଆଜିକାଲି ଭଜନ ଏବଂ କଓ୍ୱାଲି ହିସାବରେ ଆମର ଅତି ଜଣାଶୁଣା ଅଟେ । ଉକ୍ତ ଗୀତିକବିତାଗୁଡ଼ିକରେ ନିଜ ଈଶ୍ୱର ପ୍ରତି ଭକ୍ତି ତଥା ପ୍ରେମ ବ୍ୟକ୍ତ ହୋଇଥାଏ । ସମୟ ସମୟରେ ତା ମାଧ୍ୟମରେ ସାଂସାରିକ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଐଶ୍ୱରିକ ସହାୟତା ପାଇଁ କାମନା କରାଯାଉଥିଲା । କଓ୍ୱାଲି ଏବଂ ଭଜନଗୁଡ଼ିକର ମୂଳ ଶାସ୍ତ୍ରୀୟ ଆଧାର ଏବଂ ଲୋକପ୍ରିୟ ଲେକଗୀତି ଉପରେ ପର୍ଯ୍ୟବେଶିତ ।

ଭଜନଗୁଡ଼ିକ ବେଳେବେଳ ସାଧାରଣ ମାନବମାନଙ୍କର ଅନୁଭୂତି ସମ୍ବନ୍ଧରେ ହୋଇଥାଏ । ଉଦାହରଣ ସ୍ୱରୂପ କବୀରଙ୍କ ଦୋହାଗୁଡ଼ିକ ଅଧିକାଂଶ ସ୍ଥାନରେ ତାଙ୍କର ଅନୁବଂଶୀୟ ବୁଣାକାର ପେସାକୁ ସୂଚନା ଦେଇଥାଏ । କଓ୍ୱାଲିଗୁଡ଼ିକ ମୁଖ୍ୟତ ଦରଘା ଅର୍ଥାତ୍ ସମ୍ମାନିତ ସୁଫିସନ୍ତମାନଙ୍କର ପୀଠସ୍ଥଳୀ ସହିତ ଜଡ଼ିତ ଥାଏ ।

ଗୁରୁଦ୍ୱାରଗୁଡ଼ିକରେ ଶିଖ୍ ମାନଙ୍କର ପବିତ୍ର ଗ୍ରନ୍ଥ "ଗ୍ରନ୍ଥସାହେବ"କୁ ସଙ୍ଗୀତ ରୂପରେ ଗାନ କରାଯାଏ । ଗ୍ରନ୍ଥ ସାହେବ ଦଶଜଣ ଶିଖ୍ ଗୁରୁଙ୍କ ସହିତ ଅନେକ ଭକ୍ତି ଏବଂ ସୁଫୀ ସନ୍ଥମାନଙ୍କର ମୁଖନିସୃତ ବାଣୀର ସଙ୍କଳନ ଅଟେ ।

ଗ୍ରନ୍ଥ ସାହେବକୁ ଗାନ କରୁଥିବା ବ୍ୟକ୍ତିକୁ ଧାର୍ମିକ ପ୍ରଶିକ୍ଷଣ ସହିତ ଶାସ୍ତ୍ରୀୟ ସଙ୍ଗୀତ ଉପରେ ମଧ୍ୟ ପ୍ରଶିକ୍ଷଣ ଦିଆଯାଏ । ଏଥିପାଇଁ ତାଙ୍କୁ "ରାଗୀ" କୁହାଯାଏ ।

ସଙ୍ଗୀତରେ ଏକ ଅପେକ୍ଷାକୃତ ନୂଆ ରୂପ ହେଲା ସିନେମା ସଙ୍ଗୀତ । ପ୍ରାରମ୍ଭରୁ ସିନେମା ସଙ୍ଗୀତ ଶାସ୍ତ୍ରୀୟ ତଥା ଲୋକ ସଙ୍ଗୀତ ଉପରେ ଆଧାରିତ ହୋଇଥିଲା । କିନ୍ତୁ ସିନେମା ସଙ୍ଗୀତ ନିଜର କିଛି ନୂତନତ୍ୱ ମଧ୍ୟ ବିକାଶ କରିଥିଲା । କେତେକ ପୁରୁଣା ଏବଂ ଲୋକପ୍ରିୟ ଗୀତଗୁଡ଼ିକ ଭାରତୀୟ ତଥା ପାଶ୍ଚାତ୍ୟ ଶାସ୍ତ୍ରୀୟ ସଙ୍ଗୀତର ସୁରମାଧୁରୀ ଉପରେ ପର୍ଯ୍ୟବେଶିତ ଥିଲା । କିନ୍ତୁ



ଟିପ୍ପଣୀ



ସିନେମା ସଙ୍ଗୀତ ମଧ୍ୟ ନିଜର କିଛି ନୂତନତ୍ୱ ମଧ୍ୟ ବିକାଶ କରିଥିଲା । ଏଥିରେ ଭାରତୀୟ ବାଦ୍ୟ ଯନ୍ତ୍ର ବ୍ୟତୀତ ପାଶ୍ଚାତ୍ୟ ଶାସ୍ତ୍ରୀୟ ସଙ୍ଗୀତ ସହିତ ଜଡ଼ିତ ସମବେତ ଗାନା, ବାଜଣା (orchestra) ର ମଧ୍ୟ ଉପଯୋଗ କରିଥିଲେ । ଆଜିକାଲି ପ୍ରତି ମୁହୂର୍ତ୍ତରେ ନୂଆ ପ୍ରକାରର ମିଶ୍ରିତ ସଙ୍ଗୀତ (fusion music) ର ବିକାଶ ହେଉଅଛି ।

"ଛାୟା" ଚଳଚିତ୍ରର ଲୋକପ୍ରିୟ ଗୀତ "ଇତନା ନା ମୁଝସେ ତୁ ପ୍ୟାର ବଢ଼ା"ଅଷ୍ଟାଦଶ ଶତାବ୍ଦୀର ଅଷ୍ଟ୍ରିଆର ସଙ୍ଗୀତଜ୍ଞ ମୋଜାର୍ଟ (Mozart) ଙ୍କ ଏକତାନତା (Symphony) ଉପରେ ଆଧାରିତ । "ମୋଗଲ ଇ ଆଜମ୍"ର ପ୍ରାୟ ସମସ୍ତ ଗୀତ ଶାସ୍ତ୍ରୀୟ ହିନ୍ଦୁସ୍ଥାନୀ ସଙ୍ଗୀତ ଉପରେ ଆଧାରିତ । ଉଦାହରଣ ସ୍ୱରୂପ "ମହବତ୍ତକି ଝୁଟି କାହାନୀ"ଗୀତ ଦରବାରୀ କନଡ଼ ରାଗ ଉପରେ ପର୍ଯ୍ୟବେଶିତ ।

ସିନେମା ସଙ୍ଗୀତଗୁଡ଼ିକ କେବଳ ମାତ୍ର ସିନେମାର ଏକ ବିଷୟବସ୍ତୁ ଉପରେ ଆଧାରିତ ନହୋଇ ବରଂ ପ୍ରୋଦ୍ୟୋଗିକୀୟ ଚିନ୍ତାଧାରା ଉପରେ ମଧ୍ୟ ନିର୍ଭର କରେ । ବିଂଶ ଶତାବ୍ଦୀର ପ୍ରାରମ୍ଭରେ ପ୍ରାରମ୍ଭିକ ରେକର୍ଡ଼ିଂ (recording) କେବଳ ୩.୫ ମିନିଟ ଚାଲୁଥିଲା । ପ୍ରୋଦ୍ୟୋଗିକୀୟ ଉନ୍ନତି ସହିତ ଏବେ ରେକର୍ଡ଼ିଂ ଏକ ସଙ୍ଗରେ ଘଣ୍ଟାଏ ଧରି ମଧ୍ୟ ସମ୍ଭବ ହୋଇଅଛି । କିନ୍ତୁ ସିନେମା ସଙ୍ଗୀତ ଗୁଡ଼ିକ ତାଙ୍କର ପାରମ୍ପରିକ ପଦ୍ଧତି (format) କୁ ରଖି ଅଛନ୍ତି । ପରବର୍ତ୍ତୀ ସମୟରେ ତୁମେ ରେଡ଼ିଓରୁ ଯେବେ ଗୀତ ଶୁଣିବ ସେତେବେଳେ ତୁମେ ଏହାର ସମୟ ଉପରେ ଜ୍ଞାନ ହାସଲ କରିପାରିବ ।

ସଂସ୍କୃତିର ସମସ୍ତ ଅଭିବ୍ୟକ୍ତି ଭଳି ସଙ୍ଗୀତ ମଧ୍ୟ ବିଚାର ଉପରେ ଆଧାରିତ । ବଙ୍ଗଳାର ବଉଳ ମାନେ ପରମ୍ପରାଗତ ଭାବେ ନିଜର ଗୀତ ମାଧ୍ୟମରେ ବିଶ୍ୱ-ବନ୍ଧୁତ୍ୱ ଏବଂ ନିସ୍ୱାର୍ଥତାର ସନ୍ଦେଶ ପ୍ରଚାର କରିଥାଆନ୍ତି ।

ଭକ୍ତି-ସଙ୍ଗୀତଗୁଡ଼ିକ ଭକ୍ତର ଭାବ ପ୍ରବଣତାକୁ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଅନ୍ୟ ଲୋକଙ୍କୁ ମଧ୍ୟ ନିଜ ଗୋଷ୍ଠୀ ପ୍ରତି ଆକୃଷ୍ଟ କରନ୍ତି । ଆଜି ବିଶ୍ୱବ୍ୟାପ୍ତ ଗ୍ରାମରେ, ଯାହା ବିଷୟରେ ତୁମେ ପାଠ ସଂଖ୍ୟା ୨୯ରେ ପଢ଼ିଛ, ସଙ୍ଗୀତ ଏକ ମହତ୍ୱପୂର୍ଣ୍ଣ ସେତୁବନ୍ଧ ରୂପେ କାମ କରୁଅଛି । ନୂତନ ସ୍ୱରୂପକୁ ଆପଣାର କରିବା ସମୟରେ ସର୍ବଦା ମନେରଖିବା ଉଚିତ୍ ଯେ ନିଜର ସଙ୍ଗୀତର ସମୃଦ୍ଧ ପରମ୍ପରାକୁ ଯେପରି ହଜାଇ ଦିଆ ନଯାଏ ।

## ୩୧.୨ ପାଠଗତ ପ୍ରଶ୍ନ

୧. ଲୋକଗୀତ ଏବଂ ନୃତ୍ୟରେ କାହାର ଉତ୍ସବ ପାଳନ କରାଯାଏ ?

..........................................................................................

୨. ଶୂନ୍ୟସ୍ଥାନ ପୂରଣ କର:-

(କ) _______ ପାଇଁ ପ୍ରଗାଢ଼ ପ୍ରଶିକ୍ଷଣର ଆବଶ୍ୟକ ।

(ଖ) ଭକ୍ତି ଏବଂ ସୁଫୀ ସନ୍ଥମାନଙ୍କ ରଚନାରେ _______ ଏବଂ_______ କୁହାଯାଇଥାଏ ।

(ଗ) ବଙ୍ଗଳାର ବାଉଲ_______ ଏବଂ_______ ର ଗୀତ ଗାଇଥାଆନ୍ତି ।





୩. ଠିକ୍ ଏବଂ ଭୁଲ ଚିହ୍ନ ପ୍ରଦାନ କର ।

୧. ଲୋକ ନୃତ୍ୟ କେବଳ ମଞ୍ଚରେ କରିବା ପାଇଁ ହୋଇଅଛି ।

୨. ଶାସ୍ତ୍ରୀୟ ଏବଂ ଲୋକ-ସଙ୍ଗୀତ ପରସ୍ପର ସହିତ ସହ ପ୍ରକ୍ରୀୟା କରନ୍ତି ନାହିଁ ।

୩. ସିନେମା ସଙ୍ଗୀତ ସମୟ ସମୟରେ ଶାସ୍ତ୍ରୀୟ ତାଳ ଉପରେ ଆଧାରିତ ହୋଇଥାଏ ।

ଭାରତ ଏବଂ ବାହାର ଦୁନିଆ ମଧ୍ୟରେ ସମ୍ପର୍କ ଖ୍ରୀ:ପୂ: ଦ୍ୱିତୀୟ ଶତାବ୍ଦୀ ଏବଂ ଖ୍ରୀଷ୍ଟାବ୍ଦ ଦ୍ୱିତୀୟ ଶତାବ୍ଦୀ ମଧ୍ୟରେ ଗଢ଼ି ଉଠିଥିଲା । ରାଜନୈତିକ ତଥା ବାଣିଜ୍ୟ ସମ୍ବନ୍ଧୀୟ ପାରସ୍ପରିକ ସମ୍ପର୍କ ଦ୍ୱାରା ବିଚାରଧାରାର ଆଦାନ-ପ୍ରଦାନ ହେବା ସହିତ ସାମାଜିକ ଏବଂ ସାଂସ୍କୃତିକ ବିକାଶ ବ୍ୟାପକ ହୋଇଥିଲା । ବୌଦ୍ଧ ଧର୍ମ ନୂତନ ପରିସ୍ଥିତିର ଅନୁକୂଳ ଥିବାରୁ ଏହାକୁ ଭାରତୀୟ ଗ୍ରୀକ୍ (Indo-Greek) ତଥା ମଧ୍ୟ-ଏସିଆର ଲୋକମାନେ ଆପଣାଇ ଥିଲେ । ଧର୍ମ ପ୍ରଚାରକ ସନ୍ୟାସୀମାନେ ବ୍ୟବସାୟୀମାନଙ୍କ ସହିତ ଯାତ୍ରା କରି ମଧ୍ୟ ଏସିଆର ଦୂର ଦୂରାନ୍ତରେ ବୌଦ୍ଧ ବିହାର ସ୍ଥାପିତ କରିଥିଲେ । ସେଠାରୁ ବୌଦ୍ଧ ଧର୍ମ ଚୀନ ପର୍ଯ୍ୟନ୍ତ ବ୍ୟାପି ଯାଇଥିଲା ।

ଗ୍ରୀକ୍‌ମାନଙ୍କ ସହିତ ପରସ୍ପର କ୍ରୀୟା ଦ୍ୱାରା ମୂର୍ତ୍ତୀକଳାର ବିକାଶର ମାର୍ଗ ପ୍ରଶସ୍ତ ହୋଇଥିଲା । ପ୍ରାରମ୍ଭରେ ବୁଦ୍ଧଙ୍କୁ ସ୍ତୁପର ପ୍ରବେଶ ଦ୍ୱାରରେ ପ୍ରତିକାତ୍ମକ ରୂପରେ ଏକ ଚକ୍ର, ପଦ୍ମଫୁଲ ଏବଂ ଅଶ୍ୱସ୍ତ ବୃକ୍ଷ ଆଦି ଖୋଦିତ କରା ଯାଉଥିଲା । କିନ୍ତୁ ଏହାପରେ ଗ୍ରୀକ୍‌ମାନଙ୍କ ଦେବତା ଆପୋଲ ଭଳି ମାନବ ରୂପରେ ବୁଦ୍ଧଙ୍କୁ ତିଆରି କରିବା ଆରମ୍ଭ ହୋଇଥିଲା ।

ଏହା ସହିତ ସମାନ୍ତରାଳ ଭାବେ ଏକ ଜଟିଳ ପୁରାଣର ବିକାଶ ହୋଇଥିଲା । ପୁନଃ ଜନ୍ମ ଏବଂ ପୁନଃ ଅବତାର ଧାରଣର ଲୋକପ୍ରିୟ ବିଶ୍ୱାସ ଦ୍ୱାରା ବୁଦ୍ଧଙ୍କର ପିଛଲା ଶତାଧିକ ଜୀବନ ଉପରେ ଲୋକଙ୍କର ବିଶ୍ୱାସ ଦୃଢ଼ିଭୂତ ହୋଇଥିଲା ।

ବୁଦ୍ଧଙ୍କର ଉକ୍ତ ପୂର୍ବ ଜନ୍ମଗୁଡ଼ିକୁ ବୋଧିସ୍ତବ କୁହାଗଲା । ବୋଧିସ୍ତବଙ୍କ କଳ୍ପନା ପରଦୁଃଖ କାତର, ନିଜ ସହିତ ରହୁଥିବା ପ୍ରାଣୀଙ୍କର କଲ୍ୟାଣକାରୀ ଦୟାଳୁ ବ୍ୟକ୍ତିଙ୍କ ରୂପରେ କରାଗଲା । ଉପାସକମାନେ ନିଜ ନିଜର ସମସ୍ୟାଗୁଡ଼ିକରୁ ରକ୍ଷା ପାଇବା ପାଇଁ ତାଙ୍କୁ ପ୍ରାର୍ଥନା କଲେ ଏବଂ ସାଂସାରିକ ଯନ୍ତ୍ରଣାକୁ ଲାଘବ କରିବା ପାଇଁ ତାଙ୍କ ସାହାଯ୍ୟ ଲୋଡ଼ିଲେ ।

## ୩୧.୩ ସାଂସ୍କୃତିକ ସ୍ୱରୂପ ଏବଂ ବୌଦ୍ଧ ଧର୍ମର ପ୍ରସାର
## Cultural Forms and spread of Buddhism

ତୁମେ ଜାଣିଛ ଯେ ଧର୍ମ ହେଉଛି ଆମ ସାଂସ୍କୃତିକ ପରମ୍ପରାର ଏକ ବିଶେଷତ୍ୱ । ସଂସ୍କୃତିର ମାଧ୍ୟମରେ ଧାର୍ମିକ ବିଚାର ସ୍ୱତଃପ୍ରବୃତ ଭାବରେ ସଂପ୍ରେଷିତ ହୋଇଥାଏ । ବର୍ତ୍ତମାନ ଆମେ ବୌଦ୍ଧ ଧର୍ମର ଉଦାହରଣ ନେବା ।

ବୁଦ୍ଧ ଷଷ୍ଠ ଶତାବ୍ଦୀରେ ବସବାସ କରୁଥିଲେ । ସେ ପ୍ରଚାର କରିଥିଲେ ଯେ ସଂସାର ଦୁଃଖପୂର୍ଣ୍ଣ ଏବଂ ଏଠାରୁ ମୁକ୍ତି ପାଇବା ପାଇଁ ଜଣକୁ କାମନାଶୂନ୍ୟ ହେବାକୁ ପଡ଼ିବ । ସେ ତାଙ୍କ ଅନୁଗାମୀମାନଙ୍କୁ ଏକ ସରଳ ଏବଂ ସଦାଚାରପୂର୍ଣ୍ଣ ଜୀବନ କାଟିବାକୁ କହିଥିଲେ ଏବଂ ମଝିମ ମାର୍ଗ, ଯାହାକି ବିଳାସପୂର୍ଣ୍ଣ ଏବଂ ପରମ ସଂଯମର ମଧ୍ୟବର୍ତ୍ତି, ଅନୁସରଣ କରିବାକୁ କହିଥିଲେ । ସର୍ବସାଧାରଣଙ୍କ ବୋଧଗମ୍ୟ ହେଉ ନଥିବା ସଂସ୍କୃତ ଭାଷା ଯାହାକି ବ୍ରାହ୍ମଣମାନେ ବ୍ୟବହାର

ଟିପ୍ପଣୀ

କରୁଥିଲେ ତା ବଦଳରେ ବୁଦ୍ଧଦେବ ପ୍ରାକ୍ରିତ ଭଳି ସର୍ବସାଧାରଣଙ୍କ ଭାଷାରେ ତାଙ୍କ ବାଣୀ ପ୍ରକାଶ କରୁଥିବାରୁ ଲୋକମାନେ ଅତିଶୀଘ୍ର ତାକୁ ଗ୍ରହଣ କରିଥିଲେ ।

ବୌଦ୍ଧ ଧର୍ମାବଲମ୍ବୀମାନେ ଅନେକ ଧାର୍ମିକ ତଥା ସାଂସ୍କୃତିକ ପ୍ରଥାକୁ ମଧ୍ୟ ଗ୍ରହଣ କରି ଅନୁସରଣ କଲେ । ଉଦାହରଣ ସ୍ୱରୂପ ବୃକ୍ଷଦେବଙ୍କୁ ଉପାସନା ଏକ ଲୋକପ୍ରିୟ ପ୍ରଥା ଥିଲା । ସେମାନେ କହିଥିଲେ ବୃକ୍ଷର ପୂଜା ବୁଦ୍ଧଗୟା ସ୍ଥିତ ବୋଧି ବୃକ୍ଷର ପୂଜା ସମାନ ଅଟେ । ବୌଦ୍ଧ ପରମ୍ପରା ଅନୁସାରେ ବୁଦ୍ଧ ଉକ୍ତ ବୃକ୍ଷ ତଳେ ବସି ତପସ୍ୟା କରିଥିଲେ ଏବଂ ଜ୍ଞାନ ମଧ୍ୟ ପ୍ରାପ୍ତ ହୋଇଥିଲେ ।

ମୃତକଙ୍କ ଅବଶୋଷକୁ ରଖି ତା'ଉପରେ ସ୍ମାରକ ରୂପରେ ପଥରର ଏକ ଗୋଲାକାର ଆକୃତିର (ଯାହାକୁ ବୌଦ୍ଧ ଧର୍ମରେ ସ୍ତୁପ କୁହାଯାଏ) ସ୍ତୁପ ତିଆରି କରିବା ଅନ୍ୟ ଏକ ଲୋକପ୍ରିୟ ପ୍ରଥା ଥିଲା । ମୃତକଙ୍କର ପରିବାରବର୍ଗ ତଥା ବନ୍ଧୁମାନେ ଏହାକୁ ପୂଜା କରୁଥିଲେ । ବୁଦ୍ଧଙ୍କର ଅନୁଗାମୀମାନେ ଏହି ପ୍ରଥାକୁ ଆପଣାଇ ନେଇଥିଲେ ଏବଂ ସ୍ତୁପ ସ୍ଥାପନ କରିଥିଲେ । ଏହା ମଧ୍ୟରେ ବୁଦ୍ଧଙ୍କର ସ୍ମୃତି ଚିହ୍ନ ରଖୁଥିଲେ । ଯଥା ତାଙ୍କର ଦାନ୍ତ ତଥା ଏମିତି କିଛି ଜିନିଷ ଯାହାକି ବୁଦ୍ଧଙ୍କ ଜୀବନ ସହିତ ଜଡ଼ିତ ଥିଲା ଅଥବା ସେ ବ୍ୟବହାର କରୁଥିଲେ ।



୩୧.୧ ବୁଦ୍ଧ

ବୌଦ୍ଧ ଧର୍ମର ବିସ୍ତାର ଦ୍ୱାରା ବୌଦ୍ଧ ଧର୍ମାବଲମ୍ବୀମାନେ ଉପମହାଦେଶର ଉତ୍ତର ପଶ୍ଚିମରେ ଅବସ୍ଥାପିତ ହୋଇଥିବା ଭାରତୀୟ-ଗ୍ରୀକ୍ (Indo-Greek) ମାନଙ୍କ ସଂସ୍ପର୍ଶରେ ଆସିଥିଲେ । ନିଜର ଦେବତାମାନଙ୍କୁ ମାନବ ରୂପରେ ପ୍ରସ୍ତୁତ କରିବା ଗ୍ରୀକ୍‌ମାନଙ୍କର ଏକ ପୁରାତନ ପରମ୍ପରା ଥିଲା । ବୌଦ୍ଧମାନେ ଏହି ପରମ୍ପରାକୁ ମଧ୍ୟ ନିଜର କରି ନେଇଥିଲେ ଏବଂ ବୁଦ୍ଧଙ୍କୁ ଏହି ରୂପରେ ପ୍ରସ୍ତୁତ କରିବାକୁ ଆରମ୍ଭ କରିଥିଲେ ।



ଟିପ୍ପଣୀ

> ବିଡ଼ାଳ-କୁକ୍କୁଟ ଜାତକ (ବିରାଡ଼ି ଓ କୁକୁଡ଼ାର ଜାତକ କଥା)ଏକ ଛୋଟ ଜାତକ ଗଳ୍ପ ଯାହା ନିମ୍ନରେ ଉଲ୍ଲେଖ ହେଲା:-
>
> ବିରାଡ଼ି କୁକୁଡ଼ାକୁ କୁହେ ଯେ ସେ ତାକୁ ବିବାହ କରିବାକୁ ଚାହୁଁଅଛି । ଏହାର ଉଦ୍ଦେଶ୍ୟ ଥିଲା ଯେ କୁକୁଡ଼ା ଗଛ ତଳକୁ ଆସିଲେ ବିରାଡ଼ି ତାକୁ ଖାଇବ । କିନ୍ତୁ କୁକୁଡ଼ା ଅତ୍ୟନ୍ତ ଚାଲାକ୍ ଥିଲା ଏବଂ ବିବାହ କରିବା ପାଇଁ ମନା କରି ଦେଇଥିଲା । ବୌଦ୍ଧ ପ୍ରଚାରକମାନେ କହୁଥିଲେ ଯେ ନିଜର ପୂର୍ବ ଜନ୍ମରେ ବୁଦ୍ଧ ଉକ୍ତ ବୁଦ୍ଧିମାନ କୁକୁଡ଼ା ଥିଲେ । ଉକ୍ତ କଥାର ଜୀବନ୍ତ ପ୍ରତିମୂର୍ତ୍ତି ମଧ୍ୟ ଭାରତର ଭରହୁତରେ ଦେଖାଯାଏ ।

ବୌଦ୍ଧମାନେ ମଧ୍ୟ ଏହିପରି ଶତ ଶତ ଲୋକ କଥାକୁ ଗ୍ରହଣ କରି ନେଇଥିଲେ । ବୌଦ୍ଧ ପରମ୍ପରାରେ ସେଗୁଡ଼ିକୁ ଜାତକ ଅଥବା ବୁଦ୍ଧଙ୍କର ପୂର୍ବଜନ୍ମ କଥା ନାମରେ ଜଣାଯାଏ । ଏଗୁଡ଼ିକୁ ବୁଦ୍ଧଙ୍କ ପୂର୍ବଜନ୍ମ ତଥା ତାଙ୍କ ଜୀବନର କାହାଣୀ ବୋଲି ବିବେଚନା କରାଯାଏ । ଏଗୁଡ଼ିକ ମଧ୍ୟରୁ ଅନେକକୁ ମୂର୍ତ୍ତି ସ୍ୱରୂପରେ ଚିତ୍ରଣ କରାଯାଇଅଛି ।

ଜାତକ ଗଳ୍ପଗୁଡ଼ିକୁ ଅଜନ୍ତା ଗୁମ୍ଫାର ପାଚେରୀରେ ଏବଂ ସାଞ୍ଚି ସ୍ତୁପ(ମଧ୍ୟ ପ୍ରଦେଶ)କୁ ପରିବେଷ୍ଟିତ କରିଥିବା ରେଲିଂ (railing) ଉପରେ ମଧ୍ୟ ଚିତ୍ରିତ କରାଯାଇଅଛି ।ଉକ୍ତ ସ୍ଥାନକୁ ବୁଲିଆସି ଏହି ଚିତ୍ରକୁ ଦେଖୁଥିବା ପୁରୁଷ ଓ ସ୍ତ୍ରୀମାନେ ନିଜେ ଜାଣିଥିବା ଗପକୁ ମନେ ପକାଇବେ । ଏଥି ସହିତ ସେମାନେ ଉକ୍ତ ଗପ ମାଧ୍ୟମରେ ବୌଦ୍ଧ ଧର୍ମ ବିଷୟରେ ଶିକ୍ଷା ଗ୍ରହଣ କରିବେ ।

ନିଜର ବାର୍ତ୍ତା ପ୍ରଚାର କରିବା ପାଇଁ ବିଭିନ୍ନ ସାଂସ୍କୃତିକ ସାଧନଗୁଡ଼ିକୁ ଉପଯୋଗ କରୁଥିବା ବୌଦ୍ଧ ଶିକ୍ଷକମାନେ ଏକୁଟିଆ ନଥିଲେ । ଯଦି ଆମେ ଖ୍ରୀଷ୍ଟିଆନ, ହିନ୍ଦୁ, ଇସଲାମ୍ ଏବଂ ଜୈନ ଧର୍ମ ସହିତ ନିଜର ପ୍ରମୁଖ ଧାର୍ମିକ ପରମ୍ପରାଗୁଡ଼ିକ ଉପରେ ଦୃଷ୍ଟି ନିକ୍ଷେପ କଲେ ଆମ୍ଭେ ଦେଖିବା ଯେ ଏମାନଙ୍କର ଦୀର୍ଘକାଳୀନ ସଫଳତା ସେମାନଙ୍କ ଦ୍ୱାରା ବ୍ୟବହୃତ ସନ୍ଦେଶ, ସଂପ୍ରେଷଣର ବିଭିନ୍ନ ଉପାୟ ଉପରେ ନିର୍ଭର କରୁଥିଲା । ଏଗୁଡ଼ିକ ହେଲା ଚିତ୍ରକଳା, ସଙ୍ଗୀତ, ଗଳ୍ପ-କଥନ ଏବଂ ଉପାସନା ଗୃହ ନିର୍ମାଣ କରିବା ପାଇଁ ପ୍ରଯୁକ୍ତ ବାସ୍ତୁକଳାର ବିଭିନ୍ନ ଶୈଳୀଗୁଡ଼ିକ ।

ପ୍ରାଚୀନ ଏବଂ ଲୋକପ୍ରିୟ ମାତୃ ପୂଜା ଉପରେ କେନ୍ଦ୍ରୀଭୂତ ହୋଇଥିବା ଉତ୍ପାଦିକା ଶକ୍ତିର ଉପାସନା (fertility cult) କୁ ବୌଦ୍ଧମାନେ ନିଜର କ୍ରମବର୍ଦ୍ଧିତ ଧାର୍ମିକ ପୁରାଣରେ ମଧ୍ୟ ସାମିଲ କରି ଦେଇଥିଲେ । ପ୍ରତ୍ୟେକ ବୋଧିସତ୍ୱ ଏକ ଦେବୀଙ୍କ ସହିତ ଜଡ଼ିତ ଥିଲେ ଯିଏ ତାରା ନାମରେ ଜଣାଶୁଣା ଥିଲେ ।

ବୋଧିସତ୍ୱ ଉକ୍ତ ଦେବୀମାନଙ୍କ ମଧ୍ୟରେ କାର୍ଯ୍ୟକରୁଥିବାର ବିଶ୍ୱାସ କରାଯାଉଥିଲା । ପୁରୁଷ ଏବଂ ସ୍ତ୍ରୀ ଶକ୍ତିର ଉକ୍ତ ମିଳନ ଅନେକ ଉତ୍ପାଦିକା ଶକ୍ତିର ଉପାସନା କରୁଥିବା ସମ୍ପ୍ରଦାୟର (fertility cult) ମୁଖ୍ୟ ବିଶେଷତ୍ୱ ଥିଲା । ଲୋକ ବିଶ୍ୱାସ ଏବଂ ସାଂସ୍କୃତିକ ଉପାଦାନ ବା ଉଦ୍ଦେଶ୍ୟ ବସ୍ତୁ (Motif) କୁ ଗ୍ରହଣ କରି ତାହାକୁ ଉପଯୋଗ କରିବା ହେତୁ ବୌଦ୍ଧ ଧର୍ମକୁ ଗ୍ରହଣୀୟ କରିଥିଲା ।

ଉକ୍ତ ଗତିବିଧିଗୁଡ଼ିକ ଯେଉଁଠାରେ ବୌଦ୍ଧ ଧର୍ମର ଲୋକପ୍ରିୟତା ବଢ଼ାଇଥିଲା ସେଠାରେ ବୁଦ୍ଧଙ୍କର ମୂଳ, ସରଳ ବାଣୀଗୁଡ଼ିକୁ ପ୍ରାୟ ଭୁଲି ଯାଇଥିଲେ । ବୁଦ୍ଧ ଦୃଢ଼ତାର ସହିତ ଚମକ୍ରାରୀତା ପ୍ରଦର୍ଶନ କରିବା ପାଇଁ ବିରୋଧ କରିବା ସହିତ ତାଙ୍କୁ ପୂଜା କରିବାର ପ୍ରୟାସକୁ ମଧ୍ୟ ବିରୋଧ କରିଥିଲା । ଏହା ସତ୍ୱେ ତାଙ୍କୁ ଦେବତ୍ୱର ଆଖ୍ୟା ଦିଆ ଯାଇଥିଲା ଏବଂ ବୋଧିସତ୍ୱ ଦ୍ୱାରା କରାଯାଇଥିବା ଚମକ୍ରାରୀ କାହାଣୀଗୁଡ଼ିକ ବିଶ୍ୱାସର ଆଧାର ହୋଇଥିଲା ।

ବୌଦ୍ଧ ଧର୍ମ ଆସ୍ତେ ଆସ୍ତେ ନିଜ ଜନ୍ମ ସ୍ଥାନରୁ ଲୁପ୍ତ ହୋଇଥିଲା । ଏହା କେବଳ ନିଜର ମୂଳ ଓ ସରଳ ଧର୍ମବାଣୀଗୁଡ଼ିକ ନିର୍ବାପିତ ହେବା ସହିତ ନୁହେଁ ବରଂ ସମ୍ରାଟ ତଥା ବ୍ୟବସାୟୀମାନେ ବୌଦ୍ଧ ଧର୍ମକୁ ପୃଷ୍ଠପୋଷକତା ପ୍ରଦାନ କରିବାରୁ ବୌଦ୍ଧ ବିହାରଗୁଡ଼ିକ ଧନଶାଳୀ ହୋଇଥିଲେ ଏବଂ ଏଥିପାଇଁ ବୌଦ୍ଧ ଭିକ୍ଷୁ ବା ସନ୍ନ୍ୟାସୀମାନେ ସାଧାରଣ ଜନତାଙ୍କ ସହିତ ରଖିଥିବା ସମ୍ପର୍କର ମଧ୍ୟ ଛିନ୍ନ ହୋଇ ଏହାକୁ ପତନାଭିମୁଖୀ କରିଥିଲେ । ଏହା ବ୍ୟତୀତ ନୂତନ ବୌଦ୍ଧ ଗ୍ରନ୍ଥଗୁଡ଼ିକ ସଂସ୍କୃତ ଭାଷାରେ ଲେଖା ହେବାରୁ ସର୍ବ ସାଧାରଣଙ୍କର ବୋଧଗମ୍ୟ ହୋଇ ନଥିଲା ।

## ୩୧.୩ ପାଠଗତ ପ୍ରଶ୍ନ

୧. ବୁଦ୍ଧ କେଉଁ ଭାଷାରେ ଉପଦେଶ ଦେଉଥିଲେ ?

..........................................................................................

୨. କାହା ସମ୍ପର୍କରେ ମାନବ ରୂପରେ ବୁଦ୍ଧଙ୍କର ମୂର୍ତ୍ତି ପ୍ରସ୍ତୁତିର ଆରମ୍ଭ ହୋଇଥିଲା ?

..........................................................................................

୩. ଜାତକ ଗଳ୍ପଗୁଡ଼ିକ କ'ଣ ?

..........................................................................................

୪. ଶୂନ୍ୟସ୍ଥାନ ପୂରଣ କର ।

୧. ସ୍ତୁପର ନକ୍ସାରେ ବୁଦ୍ଧ ________ ଆଦି ରୂପରେ ପ୍ରତିକାତ୍ମକ ରୂପେ ପ୍ରସ୍ତୁତ କରାଯାଉଥିଲା ।

୨. ତାରା ________ ସହିତ ଯୋଡ଼ି ହୋଇଥିବା ସ୍ତ୍ରୀ ଦେବତା ଥିଲେ ।

୩. ________ଗୁଡ଼ିକ ଗୋଲାକାର ବିଶିଷ୍ଟ ପଥରଗଦା ଯେଉଁଠାରେ ବୁଦ୍ଧଙ୍କର ତଥା ମହତ୍ୱପୂର୍ଣ୍ଣ ବୌଦ୍ଧ ସନ୍ୟାସୀଙ୍କ ସ୍ମୃତି ଚିହ୍ନ ରହିଥାଏ ।

## ତୁମେ କ'ଣ ଶିଖିଲ

ଭାଷା ସାଂସ୍କୃତିକ ବିଚାରର ବାହାକ ଅଟେ । ସଂସ୍କୃତିର ପ୍ରସାର ଜଳବାୟୁ, ଭାଷାର ଉଚ୍ଚାରିତ ତଥା ଲିଖିତ ରୂପ, ଶିଳାଲିପି, ଚିତ୍ରକଳା, ସମାଚାର ପତ୍ର ତଥା ପତ୍ରିକା ଭଳି ପ୍ରଭାବ ପକାଉଥିବା ଘଟଣା ଉପରେ ପ୍ରଭାବିତ ହୋଇଥାଏ ।

ଭାଷା ସହିତ ସଙ୍ଗୀତ ଏବଂ ନୃତ୍ୟ ମଧ୍ୟ ସଂସ୍କୃତିର ଅଭିବ୍ୟକ୍ତ। ସଙ୍ଗୀତରେ ସାର୍ବଜନିକ ରୁଚି ଥାଏ। ଏହାର ଲୋକ-ଗୀତ କଥା ଶାସ୍ତ୍ରୀୟ ସଙ୍ଗୀତ ଭଳି ଦୁଇଟି ରୂପରେ ସଂସ୍କୃତିକୁ ସମୃଦ୍ଧ କରିଥାଏ। କାରଣ ହେଲା ଏହା ମଧ୍ୟ ବିଚାରଧାରାକୁ ବହନ କରିଥାଏ।

## ପାଠଗତ ପ୍ରଶ୍ନ

୧. ସଂସ୍କୃତିର ସଂପ୍ରେଷଣ ପାଇଁ କ'ଣ କ'ଣ ସାଧନ ଅଛି ?

୨. ସଂସ୍କୃତିର ସଂପ୍ରେଷଣରେ ଭାଷଣ ଲିଖନ ଓ ମୁଦ୍ରଣର ମହତ୍ତ୍ୱକୁ ମୂଲ୍ୟାୟନ କର ?

୩. ବିଭିନ୍ନ ବିଚାରକୁ ସଂପ୍ରେଷିତ କରିବା ପାଇଁ ସଙ୍ଗୀତଜ୍ଞଙ୍କର କ'ଣ ମହତ୍ୱ ଅଛି ?

୪. ସଂସ୍କୃତିର ବିଭିନ୍ନ ସ୍ୱରୂପ ବୌଦ୍ଧ ଧର୍ମର ପ୍ରସାର ପାଇଁ କି ପ୍ରକାର ସହାୟତା କରିଥିଲା ?

## ପାଠଗତ ପ୍ରଶ୍ନର ଉତ୍ତର

**୩୧.୧**

(୧) ବ୍ରାହ୍ମୀ (୨) ଧାର୍ମିକ ଗ୍ରନ୍ଥ ଏବଂ ଶାସ୍ତ୍ର (୩)ଏଗୁଡ଼ିକ ହାତରେ ଲେଖା ଯାଉଥିଲା

(୪) (କ) ଭୁଲ (ଖ) ଠିକ୍ (ଗ) ଭୁଲ (ଘ) ଠିକ୍

**୩୧.୨**

୧. ପ୍ରକୃତିର ପରିବର୍ତ୍ତନର ଘଟଣାଗୁଡ଼ିକ ଓ ଜୀବନର ସୁଖ ଦୁଃଖ।

୨. (କ) ଶାସ୍ତ୍ରୀୟ ସଙ୍ଗୀତ (ଖ) ଭଜନ ଓ କୱାଲି (ଗ) ବିଶ୍ୱ-ଭାତୃତ୍ୱ ଓ ନିସ୍ୱାର୍ଥପରତା

**୩୧.୩**

(୧) ପ୍ରାକୃତ (୨) ଗ୍ରୀକ୍ (୩) ବୁଦ୍ଧଙ୍କର ପୂର୍ବ ଜନ୍ମ କଥାଗୁଡ଼ିକ

୪. (କ) ଚକ୍ର, ପଦ୍ମଫୁଲ ଏବଂ ଅଶ୍ୱସ୍ତ ବୃକ୍ଷ

(ଖ) ବୋଧିସତ୍ୱ (ଗ) ସ୍ତୁପ